# NATIONAL NEWS BULLETIN (ODIA)

**15 September- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ହେବା ଲକ୍ଷ୍ୟରେ ଦେଶ ଅଗ୍ରସର ହେଉଛି, କହିଛନ୍ତି ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ
- ଦୂରଦର୍ଶନ ଆଜି ପାଳନ କରୁଛି ତା'ର ସଫଳ ଜୟଯାତ୍ରାର ୬୬ ବର୍ଷ
- ଝାଡ଼ଖଣ୍ଡରେ ପୋଲିସ୍-ମାଓବାଦୀ ଗୁଳିବିନିମୟରେ ୩ ମାଓବାଦୀ ମୃତ

ଏବଂ

- ଏସିଆ କପ୍ ପୁରୁଷ କ୍ରିକେଟ୍‌ରେ ପାକିସ୍ତାନକୁ ୭ ୱିକେଟ୍‌ରେ ପରାସ୍ତ କରି ସୁପର୍ ଫୋର୍ ପର୍ଯ୍ୟାୟ ନିକଟବର୍ତ୍ତୀ ହେଲା ଭାରତ

## ମହା- କିରନ୍ ରିଜିଜୁ

ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରନ୍ ରିଜିଜୁ କହିଛନ୍ତି, ଭାରତ ହେଉଛି ଏକ ସାମାଜିକ ଅନ୍ତର୍ଭୁକ୍ତୀକରଣ ଦେଶ, ଯିଏ ସମସ୍ତଙ୍କୁ ଗ୍ରହଣ କରିଥାଏ । ମୁମ୍ବାଇ ବିଶ୍ୱବିଦ୍ୟାଳୟରେ ଐତିହ୍ୟ ଭାଷା ଏବଂ ସଂସ୍କୃତି ବିଭାଗର ଉତ୍କର୍ଷ କେନ୍ଦ୍ରଠାରେ ଅନୁଷ୍ଠିତ ଏକ ସମାରୋହରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଏହା କହିଛନ୍ତି । ଭାରତୀୟ ସାଂସ୍କୃତିକ ଐତିହ୍ୟ କ୍ଷେତ୍ରରେ ଭବିଷ୍ୟତ ପିଢ଼ି ପାଇଁ ସରକାର ବିଭିନ୍ନ ଯୋଜନାମାନ କରୁଛନ୍ତି। ତାଙ୍କ ମନ୍ତ୍ରଣାଳୟ ଜିଓ ପାର୍ଶି ଯୋଜନା ଅଧୀନରେ ସଂଖ୍ୟାଲଘୁ ସଂପ୍ରଦାୟର

ବିକାଶକୁ ତ୍ୱରାନ୍ୱିତ କରିବା ସହ ସବ୍  କା ସାଥ୍ ସବ୍ କା ବିକାଶ, ସବ୍ କା ପ୍ରୟାସ ଆଧାରରେ କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ।

ଶ୍ରୀ ରିଜିଜୁ କହିଛନ୍ତି, ଭାରତୀୟ ଅର୍ଥନୀତିର ଅଭିବୃଦ୍ଧିରେ ମୁମ୍ବାଇ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ସେହିପରି ମୁମ୍ବାଇ ବିଶ୍ୱବିଦ୍ୟାଳୟରେ ଏକ ଶୈକ୍ଷିକ ବାତାବରଣ ରହିଛି ଏବଂ ଏହା ପୂର୍ବପିଢ଼ିର ପ୍ରେରଣାରେ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଥିବା ଶ୍ରୀ ରିଜିଜୁ କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆସନ୍ତା ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ଥିବା ଦୂରଦୃଷ୍ଟିକୁ ସେ ଦୋହରାଇ ଭାରତ ଏହି ଲକ୍ଷ୍ୟ ହାସଲ କରିବା ପଥରେ ଅଗ୍ରସର ହେଉଛି ବୋଲି କେନ୍ଦ୍ରମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ମୁମ୍ବାଇ ବିଶ୍ୱବିଦ୍ୟାଳୟ ଆତ୍ମନିର୍ଭର ଭାରତ ଗଠନ କରିବାରେ ପ୍ରମୁଖ ଭୂମିକା ନେବାକୁ ଶ୍ରୀ ରିଜିଜୁ ଆହ୍ୱାନ ଦେଇଛନ୍ତି । ଭାରତରେ ମାନବ ଅଧିକାରର କ୍ଷୁର୍ଣ୍ଣ ହେଉଥିବା ମନ୍ତବ୍ୟକୁ ନିନ୍ଦା କରି ଶ୍ରୀ ରିଜିଜୁ କହିଛନ୍ତି, ସବୁବେଳେ ସରକାର ସଂଖ୍ୟାଲଘୁମାନଙ୍କ ସୁରକ୍ଷାକୁ ଦୃଷ୍ଟି ଦେଉଛନ୍ତି ଏବଂ ଦେଶରେ କେହି ଅସୁରକ୍ଷିତ ନଥିବା କହିଛନ୍ତି । ଗତ ୨୦୧୪  ମସିହାଠାରୁ ସଂଖ୍ୟାଲଘୁମାନଙ୍କ ଉପରେ ହେଉଥିବା ହିଂସାରେ ହ୍ରାସ ଘଟିଛି ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି । ଭାରତ କେବଳ ସମ୍ବିଧାନ ଆଧାରରେ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ନୁହେଁ, ବରଂ ଏହାର ଅତୀତ ବିଶେଷତ୍ୱ ରହିଆସିଛି । ସୁପ୍ରିମକୋର୍ଟ  ୱାକଫ୍ ସଂଶୋଧନ ବିଲ୍ ଉପରେ ଦେଇଥିବା ସକାରାତ୍ମକ ରାୟକୁ ସ୍ୱାଗତ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଏହି

ବିଲ୍ ପାରିତ ହେବା ଦ୍ୱାରା ମୁସଲିମ୍ ସଂପ୍ରଦାୟର ଜନସାଧାରଣ ଲାଭାନ୍ୱିତ ହେଉଛନ୍ତି।

ସମାରୋହରେ ବିଭାଗୀୟ ସଚିବ, ମୁମ୍ବାଇ ବିଶ୍ୱବିଦ୍ୟାଳୟର କୁଳପତି ତଥା ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

## ଦୂରଦର୍ଶନ-ଫାଉଣ୍ଡେସନ

ଦୂରଦର୍ଶନ ଆଜି ତା'ର ସଫଳ ଜୟଯାତ୍ରାର ୬୬ ବର୍ଷ ପୂରଣ କରିଛି । ୧୯୫୯ ମସିହା ସେପ୍ଟେମ୍ବର ମାସ ଆଜିର ଦିନରେ ଭାରତରେ ଦୂରଦର୍ଶନ ଜରିଆରେ ପ୍ରସାରଣର ଯୁଗ ଆରମ୍ଭ ହୋଇଥିଲା । ପୂର୍ବତନ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ପ୍ରଥମ ପ୍ରସାରଣକୁ ଉଦ୍‌ଘାଟନ କରିଥିଲେ । ୧୯୭୫ ମସିହା ପର୍ଯ୍ୟନ୍ତ ଦୂରଦର୍ଶନ, ଅଲ୍ ଇଣ୍ଡିଆ ରେଡିଓର ଏକ ଅଂଶ ଭାବେ କାର୍ଯ୍ୟ କରୁଥିଲା । ୧୯୭୬ ମସିହା ଏପ୍ରିଲ୍ ୧ ତାରିଖରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଏକ ସ୍ୱତନ୍ତ୍ର ୱିଙ୍ଗ୍ ଭାବେ ଦୂରଦର୍ଶନ କାର୍ଯ୍ୟ କରିବା ସହ ପରେ ପ୍ରସାର ଭାରତୀ ଅଧୀନକୁ ଆସିଥିଲା । ଆଜିର ଦିନରେ ଦୂରଦର୍ଶନ ଭାରତର ବୃହତ ପ୍ରସାରଣକାରୀ ସଂସ୍ଥା ଭାବେ ଖ୍ୟାତି ଅର୍ଜନ କରିଛି । ସଂଖ୍ୟାଧିକ ଷ୍ଟୁଡିଓ ଓ ଟ୍ରାନ୍ସମିଟର ଜରିଆରେ ଦେଶର ସବୁଭାଗରେ ଦୂରଦର୍ଶନର ପ୍ରସାରଣ ପହଞ୍ଚି ପାରିଛି । ଏକ ସଙ୍ଗେ ଟେଲିଭିଜନ, ଅନ୍‌ଲାଇନ୍, ମୋବାଇଲ୍ ସେବାରେ ଉଭୟ ଗ୍ରାମାଞ୍ଚଳ, ସହରାଞ୍ଚଳ ଓ ଅନ୍ତର୍ଜାତୀୟ ସ୍ତରରେ ଦୂରଦର୍ଶନର ପ୍ରସାରଣ ଉପଲବ୍ଧ ହେଉଛି।

## ୟୁପିଆଇ ଲିମିଟ୍

ଭାରତୀୟ ରାଷ୍ଟ୍ରୀୟ ଦେୟ ନିଗମ-ଏନ୍‌ପିସିଆଇ ୟୁପିଆଇ କ୍ଷେତ୍ରରେ କେତେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛନ୍ତି । ସାଧାରଣ ଉପଭୋକ୍ତା ବ୍ୟବସାୟୀମାନଙ୍କୁ

ୟୁପିଆଇ ଜରିଆରେ ଯେଉଁ ଦେୟ ପ୍ରଦାନ କରୁଛନ୍ତି, ସେକ୍ଷେତ୍ରରେ ଏନ୍‌ପିସିଆଇ କରିଥିବା ପରିବର୍ତ୍ତନ ଆଜିଠାରୁ ଲାଗୁ ହୋଇଛି । ଏହି ପରିବର୍ତ୍ତନ ଅନୁଯାୟୀ ଅଧିକ ପରିମାଣର ଅର୍ଥ ପୈଠ କରିବା ଏଣିକି ସହଜ ହୋଇପାରିବ । ଗୋଟିଏ ଦିନରେ ବାଣିଜ୍ୟିକ ଦେୟ କ୍ଷେତ୍ରରେ ସର୍ବାଧିକ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯାଇ ପାରିବ । ତେବେ ଉପଭୋକ୍ତାଙ୍କ ମଧ୍ୟରେ ଏହି ସୀମା ୧ଲକ୍ଷ ଟଙ୍କା ମଧ୍ୟରେ ରହିଥିବା ଜଣାପଡ଼ିଛି ।

## ଝାଡ଼ଖଣ୍ଡ-ନକ୍ସଲ ଏନକାଉଣ୍ଟର

ଝାଡ଼ଖଣ୍ଡର ହଜାରୀବାଗ ଜିଲ୍ଲାର ତଟିଝରୀ ଥାନା ଅନ୍ତର୍ଗତ କରଣ୍ଡି ଗ୍ରାମରେ ଆଜି ସକାଳେ ପୋଲିସ୍ ଓ ମାଓବାଦୀଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟରେ ୩ ଜଣ ଦୁର୍ଦ୍ଦାନ୍ତ ମାଓବାଦୀଙ୍କର ମୃତ୍ୟୁ ହୋଇଛି । ମୃତ ମାଓବାଦୀ ସହଦେବ ସୋରେନ ଓରଫ୍ ପରଭେସ୍ କେନ୍ଦ୍ରୀୟ କମିଟିର ସଭ୍ୟ ଥିବା ବେଳେ ତା' ନାମରେ ୧ କୋଟି ଟଙ୍କାର ପୁରସ୍କାର ସରକାର ଘୋଷଣା କରିଥିବା ବେଳେ, ବିହାର-ଝାଡ଼ଖଣ୍ଡ ସ୍ୱତନ୍ତ୍ର କମିଟି ସଭ୍ୟ ରଘୁନାଥ ହେମ୍ବ୍ରମ୍ ଓରଫ୍ ଚଞ୍ଚଳ ନାମରେ ୨୫ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା । ସେହିପରି ବିର୍ସେନ୍ ଗଞ୍ଜୁ ଓରଫ୍ ରାମ ଖେଲାୱାନ୍ ନାମରେ ୧୦ ଲକ୍ଷ ଟଙ୍କାର ପୁରସ୍କାର ସରକାର ଘୋଷଣା କରିଥିଲେ । ଏହି ଅଭିଯାନରେ ନିରାପତ୍ତା ବାହିନୀ ଘଟଣାସ୍ଥଳରୁ ଏକେ-୪୭ ରାଇଫଲ୍ ଜବତ କରିଛନ୍ତି । ଏଥିରେ ହଜାରୀବାଗ ପୋଲିସ୍ ଏବଂ ସିଆରପିଏଫ୍ କୋବ୍ରା ବାହିନୀ ସାମିଲ ଥିଲେ । ପୋଲିସ୍ ଏବଂ ନିରାପତ୍ତା ବାହିନୀ ପକ୍ଷରୁ ମିଳିତ ଭାବରେ କମ୍ବିଂ ଅପରେସନ୍ ଜାରି ରହିଥିବା ସୂଚନା ମିଳିଛି ।

## ସେବାପର୍ବ-ନମାମି ଗଙ୍ଗେ

ସେବା ଏବଂ ସୁଶାସନ ତଥା ଜନସେବା ଅର୍ଥାତ୍ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର

ପରିବର୍ତ୍ତନ ଏବଂ ପ୍ରଗତି ଆଣିବାପାଇଁ ଅହରହ ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବାପର୍ବରେ ଆସନ୍ତୁ ଜାଣିବା ପବିତ୍ର ଗଙ୍ଗାନଦୀର ପୁନରୁଦ୍ଧାର ପାଇଁ ମୋଦି ସରକାରଙ୍କ ଦ୍ୱାରା ନିଆଯାଇଥିବା ନମାମୀ ଗଙ୍ଗେ ଅଭିଯାନ ସଂପର୍କରେ :

ଗଙ୍ଗା ନଦୀ ହେଉଛି ଭାରତର ଜୀବନରେଖା । ଏହା ପବିତ୍ର, ଚିରନ୍ତନ ଏବଂ ଭାରତୀୟ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ନରେନ୍ଦ୍ର ମୋଦୀ ସରକାରଙ୍କ ଦ୍ୱାରା ୨୦୧୪ ଜୁନ୍ ମାସରେ ଆରମ୍ଭ ହୋଇଥିବା ନମାମି ଗଙ୍ଗେ କାର୍ଯ୍ୟକ୍ରମ ଅଧୀନରେ ଗଙ୍ଗାନଦୀକୁ ପୁନରୁଦ୍ଧାର କରିବା ପାଇଁ ଏକ ମହତ୍ତ୍ୱାକାଂକ୍ଷୀ ଯୋଜନା । ବହୁବର୍ଷ ଧରି ଗଙ୍ଗାନଦୀରେ ପ୍ରଦୂଷଣ ସ୍ତର ହ୍ରାସ ପାଇଥିବାରୁ ଏହାକୁ ପରିବେଶଗତ ପୁନରୁଦ୍ଧାର ସହ ପୁଣି ଲକ୍ଷଲକ୍ଷ ଲୋକଙ୍କ ଜୀବନଜୀବିକାର ଶ୍ରୋତ ଭାବେ କାର୍ଯ୍ୟକ୍ଷମ କରିବା ଏହି ଯୋଜନାର ଉଦ୍ଦେଶ୍ୟ ଥିଲା । ଇତିମଧ୍ୟରେ ଗଙ୍ଗାନଦୀରେ ପ୍ରଦୂଷଣ ସ୍ତର ବହୁମାତ୍ରାରେ ହ୍ରାସ ପାଇଛି ।

ସ୍ୱେରେଜ୍ ବିଶୋଧନ କ୍ଷମତା ୩୦ ପ୍ରତିଶତ ଅଧିକ ହୋଇଥିବା ବେଳେ ଗଙ୍ଗାରେ ଡଲ୍‌ଫିନ୍ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି ।

ଯେଉଁ ସମୟରେ ଗଙ୍ଗାନଦୀର ପୁନରୁଦ୍ଧାର କାର୍ଯ୍ୟ ଅସମ୍ଭବ ମନେ ହେଉଥିଲା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ନମାମୀ ଗଙ୍ଗେ ଅଭିଯାନ ଏକ ଜାତୀୟ ଆନ୍ଦୋଳନରେ ପରିଣତ ହୋଇଛି । ଦୀର୍ଘଦିନ ଧରି ଅବହେଳିତ ହୋଇ ରହିଥିବା ପବିତ୍ର ଗଙ୍ଗା ଏବେ ନୂତନ ଆଶା ସହିତ ପ୍ରବାହିତ ହେଉଛି ।

---

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ମଶାବାହିତ ରୋଗର କାରଣ ଓ ନିରାକରଣ** ଶୀର୍ଷକ

ଆଲୋଚନାର ପ୍ରଚାର କରାଯିବ । ରାଷ୍ଟ୍ରୀୟ ଭୂତାଣୁ ବାହିତ ରୋଗ ନିୟନ୍ତ୍ରଣ କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ତନୁ ଜୈନ ଏବଂ ଗ୍ରେଟର ନଏଡା ସରକାରୀ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନର ସହକାରୀ ପ୍ରଫେସର ଡାକ୍ତର ସୁପ୍ରକାଶ ମଣ୍ଡଳ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

## ଦିଲ୍ଲୀ– ଏୟାରପୋର୍ଟ

ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତିକ ବିମାନ ବନ୍ଦରରେ ଚାଲିଥିବା ୨ ନମ୍ବର ଟର୍ମିନାଲ୍‌ର ସଂପ୍ରସାରଣ କାର୍ଯ୍ୟ ଶେଷ ହେବା ପରେ ଆସନ୍ତା ୨୬ ତାରିଖରେ ଏହା ପୁନଃ କାର୍ଯ୍ୟକ୍ଷମ ହେବ । ଗତ ଏପ୍ରିଲ୍ ମାସରୁ ଏହି ଟର୍ମିନାଲର ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା । ଦିଲ୍ଲୀ ଆନ୍ତର୍ଜାତିକ ବିମାନ ବନ୍ଦର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି, ଏହି ଟର୍ମିନାଲ୍‌ରେ ଯାତ୍ରୀମାନଙ୍କ ପାଇଁ ଅତ୍ୟାଧୁନିକ ସୁବିଧା ସହ ଜିନିଷପତ୍ର ଗୁଡ଼ିକୁ ଯାତ୍ରୀମାନେ କିଭଳି ସୁବିଧାରେ ନେଇପାରିବେ, ସେ ସବୁ ବ୍ୟବସ୍ଥା କରାଯାଇଛି । ଏଥିରେ ୬ଟି ନୂତନ ବୋର୍ଡିଂ ଯାତ୍ରୀ ବ୍ରିଜ୍ ବ୍ୟବସ୍ଥା ହୋଇଥିବା ବେଳେ ସ୍ୱୟଂଚାଳିତ ଡକିଂ ପ୍ରକ୍ରିୟା ଆରମ୍ଭ ହେବ ।

# ଏସିଆ କପ୍

ଏସିଆ କପ୍ ପୁରୁଷ କ୍ରିକେଟ୍‌ରେ ଗତକାଲି ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ଏ'ର ଏକ ମ୍ୟାଚରେ ଭାରତ ୭ ଉ୍ୱିକେଟ୍‌ରେ ପାକିସ୍ତାନକୁ ପରାସ୍ତ କରିଛି । ଫଳରେ ଭାରତ ସୁପର ଫୋର୍ ପର୍ଯ୍ୟାୟର ନିକଟତର ହୋଇଛି । ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ନିର୍ଦ୍ଧାରିତ ୨୦ ଓଭର୍‌ରେ ୯ ଉ୍ୱିକେଟ୍ ହରାଇ ୧୨୭ ରନ୍ ସଂଗ୍ରହ କରିଥିଲା । ଜବାବରେ ଭାରତ ୨୫ଟି ବଲ୍ ବାକିଥାଇ ୧୫ ଓଭର୍ ୫ଟି ବଲ୍‌ରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଅଭିଷେକ ଶର୍ମା ୧୩ଟି ବଲ୍‌ରେ ୩୧ ରନ୍ କରିଥିବାବେଳେ ସୂର୍ଯ୍ୟକୁମାର ଯାଦବ ୪୭ ରନ୍ କରି ଅପରାଜିତ ରହିଥିଲେ । ଖେଳ ଶେଷ ହେବାପରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ କହିଛନ୍ତି, ଏହି ବିଜୟ ପହଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ପରବର୍ତ୍ତୀ ଅଭିଯାନରେ ଭାରତୀୟ ସେନାବାହିନୀର ଅଦମ୍ୟ ସାହସକୁ ସମର୍ପିତ । ସେ କହିଥିଲେ, ଭାରତୀୟ କ୍ରିକେଟ୍ ଦଳ ପୀଡ଼ିତଙ୍କ ପରିବାରବର୍ଗଙ୍କ ସହିତ ରହିଛି ।